# ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ବୁଗୁଡା, ଗଞ୍ଜାମ

Mail ID - bugudanac @ rediffmail.com Ph- 06818-251135


ପତ୍ର ସଂଖ୍ୟା- ୧୨୩୧ // ତାରିଖ. ୧୮.୦୪.୨୦୨୪

## ବିଜ୍ଞାପନ

ଏତଦ୍ୱାରା ବୁଗୁଡା ସହର ମଧ୍ୟରେ ଥିବା ସମସ୍ତ ବ୍ୟାବସାୟ ପ୍ରତିଷ୍ଠାନ, ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନ, ମେଡିକାଲ, କ୍ଲିନିକ୍ କ୍ଲବ୍ , ବିଭିନ୍ନ ଏସୋସିଏସନ, ସମସ୍ତ ପ୍ରକାର ଛୋଟ ଓ ବଡ ଇଣ୍ଡଷ୍ଟ୍ରି , କୋଠାବାଡି, ଏପାର୍ଟମେଂଟ ନିର୍ମାଣ ବିଲଡର ତଥା ଠିକାଦାର, ସମସ୍ତ ଆଇନଜୀବୀ, ଘରୋଇ ଡାକ୍ତର, କାରପେଂଟର, ଇଲେକଟ୍ରିସିଆନ , ପାଇପ ମିସ୍ତ୍ରୀ , ସମସ୍ତ ବ୍ୟାଙ୍କ ତଥା ଫାଇନାନସ୍ ଏଜେନ୍ସିଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି ଯେ ବିଜ୍ଞାପିତ ଅଂଚଳ ପରିଷଦ ବୁଗୁଡା ଦ୍ୱାରା ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା LED TV ମାଧ୍ୟମରେ ବିଜ୍ଞାପନ ପ୍ରସାର ସକାଶେ ପରିଷଦ ନିଷ୍ପତି ଗ୍ରହଣ କରିଛନ୍ତି , ଇଚ୍ଛୁକ ବ୍ୟକ୍ତି ବିଶେଷ ଓ ସଂସ୍ଥା ସେମାନେ ସେମାନଙ୍କର ବ୍ୟବସାୟୀକ ବିଜ୍ଞାପନ ଏହା ମଧ୍ୟମରେ କରିପାରିବେ ।

ବିଜ୍ଞାପନ ପ୍ରସାରଣ ସକାଶେ ନିମ୍ନ ପ୍ରଦତ ନିୟମାବଳୀ ପରିଷଦ ଦ୍ୱାରା ସ୍ଥିରିକୃତ କରାଯାଇଛି ।

୧. ବୁଗୁଡା ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆବେଦନ ଫର୍ମରେ ଆବେଦନ କରିପାରିବେ ।

୨. ଆବେଦନ ପତ୍ର ସହ ଆପଣ କେଉଁ ବିଷୟରେ ବିଜ୍ଞାପନ ଦେବାକୁ ଚାହୁଁଛନ୍ତି ତାହାର ଏକ ସିଡି କିମ୍ବା ପେନଡ୍ରାଇଭ୍ ମାଧ୍ୟମରେ ଦରଖାସ୍ତ ସହ ଦେବାକୁ ପଡିବ ।

୩. ବିଜ୍ଞାପନ ପ୍ରସାରର ଫିଜ୍ (Fee) ସମୟକୁ ନେଇ ଧାର୍ଯ୍ୟ କରାଯିବ ।

୪. ଦୁଇ ମିନିଟ୍ କିମ୍ବା ତାଠାରୁ କମ୍ ସମୟ ବିଜ୍ଞାପନ ସକାଶେ ମାସିକ ଫି. ଟ. ୫୦୦୦/- ଙ୍କା ଧାର୍ଯ୍ୟ ହୋଇଛି ।

୫. ଦୁଇ ମିନଟରୁ ଯଦି ଅଧିକା ସମୟ ଲାଗେ ତେବେ ଅଧିକ ପ୍ରତି ମିନଟ୍ ପିଛା ଟ. ୩୦୦୦/-ଙ୍କା ଅତିରିକ୍ତ ଫି ଦେବାକୁ ପଡିବ ।

୬. ଏହି ବିଜ୍ଞାପନ ରୋଟେସନ୍ ବେସିସରେ ସକାଳେ ଘ. ୯.୦୦ ଟିକା ଠାରୁ ରାତ୍ର ଘ. ୧୦.୦୦ ଟିକା ପର୍ଯ୍ୟନ୍ତ ଚାଲୁ ରହିବ ।

୭. ଆବେଦନ ପତ୍ର ତଥା ଦେଇଥିବା ସି.ଡି କିମ୍ବା ପେନଡ୍ରାଇଭରେ ଥିବା ତଥ୍ୟକୁ ଯାଚ ପରେ ଫି ଗ୍ରହଣ କରାଯିବ ।

୮. ଦରଖାସ୍ତ ସହ ନିଜର ଆଧାର କାର୍ଡ, ପାନ କାର୍ଡ , ଟ୍ରେଡ ଲାଇସେନସର ଜେରେକ୍ସ ସହ ଦୁଇ ଗୋଟି ଫୋଟ ସଂଲଗ୍ନ କରିବେ ।

୯. ମୋବାଇଲ ନମ୍ବର ସହ ବ୍ୟବସାୟୀକ ଠିକଣା ଏବଂ ବର୍ତମାନର ଠିକଣା ଦରଖାସ୍ତରେ ସଠିକ ଭାବେ ଦର୍ଶାଇବେ ।

୧୦. ଯଦି ଦେଇଥିବା ସି.ଡି କିମ୍ବା ପେନଡ୍ରାଇଭର ବିଷୟ ବସ୍ତୁ ପ୍ରକାଶନର ଉପଯୋଗୀ ନାହିଁ ତେବେ ପୌର ପ୍ରଶାସନ ତାହାକୁ ଆଗ୍ରାହ୍ୟ କରି ଦେବାର କ୍ଷମତାର ରହିଛି ।

୧୧. ସବିଶେଷ ବିବରଣୀ ଜାଣିବା ସକାଶେ ମୋବାଇଲ ନଂମ୍ବର -୭୭୫୯୯୦୦୨୧୫ (କାର୍ଯ୍ୟନିର୍ବାହୀ ଅଧିକାରୀ) ଓ ୯୫୩୮୭୦୫୨୦୩ ଙ୍କ ସହ ଯୋଗାଯୋଗ କରିପାରିବେ ।

ବୁଗୁଡା ବିଜ୍ଞାପିତ ଅଂଚଳ ପରିଷଦ ସଦା ସର୍ବଦା ଆପଣଙ୍କ ସେବାରେ ନିୟୋଜିତ ରହିଛି ।

ସା/- କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ,ବୁଗୁଡା ।

ସ୍ମାରକ ସଂଖ୍ୟା- ୧୨୩୨ ତାରିଖ- ୧୮.୦୪.୨୦୨୪

ଏହାର ଏକକିତା ନକଲ ବିଜ୍ଞାପିତ ଅଂଚଳ ପରିଷଦ,ବୁଗୁଡା / ତହସିଲଦାର,ବୁଗୁଡା / ଗୋଷ୍ଠି ଉନ୍ନୟନ ଅଧିକାରୀ,ବୁଗୁଡା ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସଲଗ୍ନ ନିମନ୍ତେ ପ୍ରଦାନ କରାଗଲା ।

୧୮.୦୪.୨୪

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ,ବୁଗୁଡା

ସ୍ମାରକ ସଂଖ୍ୟା- ୧୨୩୩ ତାରିଖ- ୧୮.୦୪.୨୦୨୪

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, ଗଂଜାମ, ଛତ୍ରପୁର / ଜିଲ୍ଲାପାଳ, ଗଂଜାମ, ଛତ୍ରପୁରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା

୧୮.୦୪.୨୪

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ,ବୁଗୁଡା

ସ୍ମାରକ ସଂଖ୍ୟା- ୧୨୩୪ ତାରିଖ- ୧୮.୦୪.୨୦୨୪

ଏହାର ଏକକିତା ନକଲ DIO,NIC ଙ୍କୁ ଜିଲ୍ଲା ୱେବ୍ ସାଇଟ ରେ ପ୍ରକାଶ କରିବା ନିମନ୍ତେ ଅନୁରୋଧ ସହ ପ୍ରେରଣ କରାଗଲା ।

୧୮.୦୪.୨୪

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ,ବୁଗୁଡା